# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**30th December - 2024**

**News Editor : *Tapan Kumar Maharana***

*********************************

## ମୁଖ୍ୟ ସମ୍ବାଦ

- ଶ୍ରୀହରିକୋଟାରୁ ଆଜି ରାତିରେ ସ୍ପେସ୍ ଡକିଂ ପରୀକ୍ଷଣ ସ୍ପା-ଡେକ୍ସ ଅଭିଯାନ ଆରମ୍ଭ କରିବ ଇସ୍ରୋ ।

- ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠରେ ଜନସାଧାରଣଙ୍କ ସମସ୍ୟାର ଶୁଣାଣି କଲେ ମୁଖ୍ୟମନ୍ତ୍ରୀ ।

— ରାଜ୍ୟର ବିଭିନ୍ନ ସ୍ଥାନରେ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ।

- କୁଦୋପାଲି' ବୀର ସହିଦମାନଙ୍କ ତ୍ୟାଗ, ନିଷ୍ଠା ଓ ପରାକ୍ରମ ସର୍ବଦା ସ୍ମରଣୀୟ ହୋଇ ରହିବ; କହିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଏବଂ

- ପୁରୀ ଶ୍ରୀମନ୍ଦିରରେ ନୂଆବର୍ଷ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନର ବ୍ୟାପକ ପ୍ରସ୍ତୁତି ।

***Desk***

# ଇସ୍ରୋ

ଭାରତୀୟ ମହାକାଶ ଗବେଷଣା ସଂଗଠନ– ଇସ୍ରୋ ଆଜି ରାତିରେ ଏହାର ସ୍ପେସ୍ ଡକିଂ ପରୀକ୍ଷଣ ସ୍ପାଡେକ୍ସ ଅଭିଯାନ ଆରମ୍ଭ କରିବ। ଇସ୍ରୋ ପାଇଁ ଏହା ଚଳିତ ବର୍ଷର ଶେଷ ମିଶନ, ଯାହାକି ଐତିହାସିକ ହେବ। ମହାକାଶରେ ଦୁଇଟି ଉପଗ୍ରହକୁ ଡକ୍ କିମ୍ବା ବିଲୟ କରିବାର ବିରଳ ପ୍ରୟାସ କରାଯିବ। ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ୍ ମହାକାଶ କେନ୍ଦ୍ରର ଉତ୍କ୍ଷେପଣ କେନ୍ଦ୍ରରୁ PSLV-C60 ରକେଟ୍ ସାହାଯ୍ୟରେ ୨ଟି ଉପଗ୍ରହକୁ ଉତ୍କ୍ଷେପଣ କରାଯିବ । ସ୍ପାଡେକ୍ସ ମିଶନ ସ୍ପେସ୍ ଡକିଂକୁ ଆୟତ କରିବାରେ ସକ୍ଷମ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ଭାରତର ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାରେ ଏହା ସହାୟକ ହେବ।

***Desk, Gajapati, Deogarh, Nayagarh, Boudh/R***

# ମୁଖ୍ୟମନ୍ତ୍ରୀ - ଜନଶୁଣାଣି

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଭୁବନେଶ୍ୱର ୟୁନିଟ୍-୫ ସ୍ଥିତ ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଛନ୍ତି । ସପ୍ତମଥର ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ

ଆଜି ଶୁଣାଣି ହେଇଥିଲା । ଅଭିଯୋଗ ପ୍ରକୋଷ୍ଠରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ସାଧାରଣ ଜନତାଙ୍କ ଅଭିଯୋଗ ମୁଖ୍ୟମନ୍ତ୍ରୀ ଶୁଣିବା ସହ ସେମାନଙ୍କ ଅଭିଯୋଗର ଯଥାଶୀଘ୍ର ସମାଧାନ ପାଇଁ ଆବଶ୍ୟକ ପଦକ୍ଷେପ ନେବା ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ସହ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ଶିକ୍ଷମନ୍ତ୍ରୀ ସମ୍ପଦ ସ୍ୱାଇଁ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂହ ଖୁଣ୍ଟିଆ ଏବଂ ଖାଉଟୀ କଲ୍ୟାଣ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ ।

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ୍ ଅନ୍ତର୍ଗତ ରାମ୍ପା ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳ ବିଜୟ କୁମାର ଦାସ, ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡାଙ୍କ ସମେତ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ । ଶିବିରରେ ୯୫ଟି ଅଭିଯୋଗ ଗ୍ରହଣ କରାଯାଇଥିବାବେଳେ ୭ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା ।

ଦେବଗଡ଼ ଜିଲ୍ଲା ବାରକୋଟ୍ ବ୍ଲକ୍ କଣ୍ଡେଲ ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ୪୪ଟି ଅଭିଯୋଗ ଗ୍ରହଣ କରାଯିବା ସହ ଆବଶ୍ୟକ ପଦକ୍ଷେପ ନେବାପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା ।

ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ୍‌ରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ୫୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ ୪ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା ।

ବୌଦ୍ଧ ଜିଲ୍ଲା ଧଲପୁରଠାରେ ଅନୁଷ୍ଠିତ ଶିବିରରେ ୫୬ଟି ପଞ୍ଜିକୃତ ଅଭିଯୋଗ ମଧ୍ୟରୁ ୪୦ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଛି ।

***Desk***

# ଛବିଲ ସାଏ

ସମ୍ବଲପୁର ସଂଘର୍ଷ ଓ ବଳିଦାନର ଅଞ୍ଚଳ ଏବଂ ଐତିହାସିକ କୁଦୋପାଲି ତ୍ୟାଗ ଓ ବୀରତ୍ୱର ପ୍ରତୀକ । ଆଜି ସମ୍ବଲପୁରର କୁଦୋପାଲିଠାରେ ଜିଲ୍ଲା ପ୍ରଶାସନ ସହଯୋଗରେ ବୀର ଛବିଲ ସାଏ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି । କେନ୍ଦ୍ରମନ୍ତ୍ରୀ କହିଛନ୍ତି, ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଇତିହାସ ପୃଷ୍ଠାରେ ଅନାଲୋଚିତ ସଂଗ୍ରାମୀମାନଙ୍କୁ ଲୋକଲୋଚନକୁ ଆଣି ଉପଯୁକ୍ତ ସମ୍ମାନ ଜଣାଇବାପାଇଁ ଆହ୍ୱାନ ଦେଇଥିଲେ । ୧୮୫୭ ମସିହା ଡିସେମ୍ବର ୩୦ ତାରିଖ ଦିନ କୁଦୋପାଲିର ରଣଭୂମିରେ ୫୩ ଜଣ ସଂଗ୍ରାମୀ ସହିଦ ହୋଇଥିଲେ ଓ ୪ ଜଣଙ୍କୁ ଫାଶୀ ଦିଆଯାଇଥିଲା । ସହିଦମାନଙ୍କ ମଧ୍ୟରେ ମହାନ୍ ପରାକ୍ରମୀ ବୀର ସୁରେନ୍ଦ୍ର ସାଏ ଓ ଉଦ୍ଦନ୍ତ ସାଏଙ୍କ ଭାଇ ବୀର ଛବିଲ ସାଏ ମଧ୍ୟ ଥିଲେ । କୁଦୋପାଲିର ତ୍ୟାଗ, ଇତିହାସ ଓ ସମର୍ପଣ ଭାବନା

ଅତୁଳନୀୟ ଏବଂ ଏହି ବୀର ସହିଦମାନଙ୍କ ତ୍ୟାଗ, ନିଷ୍ଠା ଓ ପରାକ୍ରମ ସବୁଦିନପାଇଁ ସ୍ମରଣୀୟ ହୋଇ ରହିବ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

***HS***

## ଆୟୁଷ୍ମାନ ଭାରତ ଯୋଜନା

ରାଜ୍ୟରେ ଆସନ୍ତାବର୍ଷ ଫେବୃୟାରୀରୁ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଯୋଜନା ଲାଗୁ ହେବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ସୂଚନା ଦେଇଛନ୍ତି । ସେ କହିଛନ୍ତି, ରାଜ୍ୟରେ ଆୟୁଷ୍ମାନ ଭାରତ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ୩ କୋଟି ୫୦ଲକ୍ଷ ଲୋକଙ୍କୁ ସ୍ୱାସ୍ଥ୍ୟକାର୍ଡ ଯୋଗାଇ ଦିଆଯିବ । ରାଜ୍ୟ ବାହାରକୁ ଯାଉଥିବା ଦାଦନ ଶ୍ରମିକ ଏବଂ ୭୦ ବର୍ଷରୁ ଅଧିକ ବୟସର ବ୍ୟକ୍ତି ସେମାନଙ୍କର ସାମାଜିକ ଓ ଅର୍ଥନୈତିକ ସ୍ଥିତି ନିର୍ବିଶେଷରେ ଆୟୁଷ୍ମାନ ଭାରତ ଓ ପ୍ରଧାନମନ୍ତ୍ରୀ ଆରୋଗ୍ୟ ଯୋଜନାର ଲାଭ ପାଇବାକୁ ଯୋଗ୍ୟ ହେବେ ବୋଲି ମନ୍ତ୍ରୀ କହିଛନ୍ତି ।

*HS*

## ଚାଷ କ୍ଷୟକ୍ଷତି

ରାଜ୍ୟର ଚାଷୀମାନଙ୍କୁ ଫସଲ ବୀମା କ୍ଷତିପୂରଣ ପ୍ରଦାନରେ ଅବହେଳା କଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୀମା କମ୍ପାନୀଗୁଡ଼ିକୁ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ସତର୍କ କରାଇ ଦେଇଛନ୍ତି । ସେ କହିଛନ୍ତି କ୍ଷୟକ୍ଷତି ଦେଖିଲାପରେ କେବଳ ଧାନ ନୁହେଁ ପନିପରିବା, କପା ଓ ଚିନାବାଦାମ ଚାଷ ମଧ୍ୟ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି । ଏପର୍ଯ୍ୟନ୍ତ ୨ଲକ୍ଷ ଚାଷୀ ବୀମା କମ୍ପାନୀଗୁଡ଼ିକ ନିକଟରେ ଅଭିଯୋଗ କରିଛନ୍ତି । ଶ୍ରୀ ପୂଜାରୀ କହିଛନ୍ତି ଆସନ୍ତା ଜାନୁଅରୀ ୧ ତାରିଖ ପର୍ଯ୍ୟନ୍ତ ପଞ୍ଜିକରଣ ଅବଧି ବୃଦ୍ଧି କରିବା ଲାଗି ସମବାୟ ସଚିବ କେନ୍ଦ୍ର ସରକାରଙ୍କୁ ଅବଗତ କରାଇଛନ୍ତି । ଅନ୍ୟପକ୍ଷରେ ବୀମା କରିନଥିବା ଚାଷୀମାନଙ୍କୁ ମଧ୍ୟ ସହାୟତା ଯୋଗାଇ ଦେବାଲାଗି ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଥିବା ସେ କହିଛନ୍ତି ।

*Puri/R*

## ଫସଲ କ୍ଷୟକ୍ଷତି ଅନୁଧ୍ୟାନ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି ପୁରୀ ଜିଲ୍ଲା ନିମାପଡ଼ା ଓ ଗୋପର ବିଭିନ୍ନ ଅଞ୍ଚଳ ବୁଲି ଫସଲ କ୍ଷୟକ୍ଷତି ନେଇ ଅନୁଧ୍ୟାନ କରିଛନ୍ତି ।

ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଚାଷୀମାନଙ୍କୁ ସାକ୍ଷାତ୍ କରି ଫସଲ ହାନି ବିଷୟରେ ପଚାରି ବୁଝିଛନ୍ତି । ଜିଲ୍ଲାରେ ପ୍ରାୟ ୫୬ ହଜାର ଚାଷୀ ବର୍ତ୍ତମାନ ସୁଦ୍ଧା ପଞ୍ଜୀକରଣ କରିଥିବାବେଳେ ୩୭ ହଜାରରୁ ଅଧିକ ହେକ୍ଟର ଜମିର ଫସଲ ନଷ୍ଟ ହୋଇଥିବା ଅନୁମାନ କରାଯାଉଛି । ତେବେ ଆକଳନ ପରେ ଚାଷୀମାନଙ୍କୁ ଉପଯୁକ୍ତ ସହାୟତା ମିଳିବା ନେଇ ସରକାର ପଦକ୍ଷେପ ନେବେ ।

***HS***

## ବାଘୁଣୀ ଜିନ୍ନତ

ବନ ବିଭାଗର କଠିନ ପରିଶ୍ରମ ପରେ ବାଘୁଣୀ ଜିନ୍ନତକୁ ଟ୍ରାଙ୍କୁଲାଇଜ୍ କରାଯାଇଛି । ପଶ୍ଚିମବଙ୍ଗରେ ଟ୍ରାଙ୍କୁଲାଇଜ୍ କରାଯିବା ପରେ ବିଶ୍ରାମରେ ରଖାଯାଇଛି ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ସୂଚନା ଦେଇଛନ୍ତି । ବାଘୁଣୀର ସ୍ୱାସ୍ଥ୍ୟାବସ୍ଥାରେ ଅବନତି ହୋଇ ନାହିଁ । ଜଙ୍ଗଲ ବିଭାଗର ଡାକ୍ତରୀ ଦଳ ବାଘୁଣୀର ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଛନ୍ତି । ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ବାଘୁଣୀକୁ ଓଡ଼ିଶା ଅଣାଯିବ ବୋଲି ମନ୍ତ୍ରୀ ଶ୍ରୀ ଖୁଣ୍ଟିଆ ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ଅଧିକ ସୂଚନା ଦେଇ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ପ୍ରେମ କୁମାର କହିଛନ୍ତି :

***Voice :.............***

*Desk*

# ବକୁଳ ଅମାବାସ୍ୟା

ପୁରୀ ଶ୍ରୀମନ୍ଦିରରେ ଆଜି ବକୁଳ ଅମାବାସ୍ୟା ଯୋଗୁଁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଛି । ବିଧି ମୁତାବକ ସକାଳ ଦୀପ ନୀତି ପରେ ପ୍ରଭୁ ନାରାୟଣଙ୍କ ସାଗରବିଜେ ନୀତି ଅନୁଷ୍ଠିତ ହୋଇଥିଲା । ସ୍ୱତନ୍ତ୍ର ପାଲିଙ୍କିରେ ନାରାୟଣ ଠାକୁରଙ୍କୁ ଶ୍ରୀମନ୍ଦିରରୁ ମହୋଦଧିକୁ ବିଜେ କରାଯାଇଥିଲା । ପରେ ନାରାୟଣ ଠାକୁର ଶ୍ରୀମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ।

ତେବେ ଆଜି ନବବର୍ଷ ପୂର୍ବରୁ ଶ୍ରୀଜୀଉଙ୍କୁ ଦର୍ଶନ ସମୟରେ ପ୍ରବଳ ଭିଡ଼ ଯୋଗୁଁ ୪ଜଣ ଶ୍ରଦ୍ଧାଳୁ ଆହତ ହୋଇଥିବା ଜଣାପଡିଛି । ଆସନ୍ତାକାଲି ଓ ୧ ତାରିଖରେ କେବଳ ସିଂହଦ୍ୱାର ଦେଇ ଶ୍ରଦ୍ଧାଳୁମାନେ ଶ୍ରୀମନ୍ଦିର ମଧ୍ୟକୁ ପ୍ରବେଶ କରିବେ ଏବଂ ୩ ଦ୍ୱାର ଦେଇ ପ୍ରସ୍ଥାନ କରିବେ ।

ସୂଚନା ଅନୁଯାୟୀ ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡକୁ ଦୃଷ୍ଟିରେ ରଖି ମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ରତ୍ନଭଣ୍ଡାର ମରାମତି କାର୍ଯ୍ୟକୁ ଆସନ୍ତା ୨ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି । ଶ୍ରୀ ଜୀଉଙ୍କ ଦର୍ଶନକୁ ସୁବ୍ୟବସ୍ଥିତ କରିବା ଲକ୍ଷ୍ୟରେ ନାଟମଣ୍ଡପରୁ ଅନଧିକୃତ ଅବରୋଧଗୁଡିକୁ ଉଠାଇ ଦିଆଯାଇଛି । ଆସନ୍ତା ମଙ୍ଗଳବାର ଏବଂ ବୁଧବାର ନୂଆବର୍ଷ ଦିନ ଶ୍ରୀଜୀଉଙ୍କର ଶୃଙ୍ଖଳିତ ନୀତିକାନ୍ତି ନେଇ ସେବାୟତଙ୍କ ସହ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ  ଆଲୋଚନା ହୋଇଛି ।

*Dhenkanal/R*

## ବାଲ୍ ପୁରସ୍କାର

ଢେଙ୍କାନାଳ ଜିଲ୍ଲାର ସମ୍ମାନଜନକ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ପାଇଥିବା ୩ ଜଣ ପିଲାଙ୍କୁ ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ସମ୍ବର୍ଦ୍ଧିତ କରିଛନ୍ତି ।  ସେମାନଙ୍କ ମଧ୍ୟରୁ ଜଣେ ଅନ୍ତର୍ଜାତୀୟ ଭାରୋତ୍ତୋଳନ ଓ ଅନ୍ୟ ଦୁଇଜଣ ପେନାକ୍‌ସିଲାଟ୍ ମାର୍ଶାଲ୍ ଆର୍ଟ କ୍ଷେତ୍ରରେ ଏହି ରାଷ୍ଟ୍ରୀୟ ପୁରସ୍କାର ବିଜୟୀ ହୋଇଛନ୍ତି । ଜିଲ୍ଲାରୁ ୩ ଜଣ ବାଲ୍ ପୁରସ୍କାର ବିଜୟୀ ହୋଇଥିବାରୁ ଜିଲ୍ଲାବାସୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି ।

*Ganjam/R*

## ସମୀକ୍ଷା ବୈଠକ

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ମହାନଗର ନିଗମ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ସହରରେ ରହିଥିବା ବିଭିନ୍ନ ସମସ୍ୟା, ଅର୍ଦ୍ଧନିର୍ମିତ ଉନ୍ନୟନ କାର୍ଯ୍ୟ, କର୍ମଚାରୀଙ୍କ ଅଭାବ, ମଧୁବାବୁ ପେନ୍‌ସନ୍ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ,

ଯୋଗ୍ୟ ହିତାଧିକାରୀଙ୍କୁ ଖାଉଟି କାର୍ଡ଼ ପ୍ରଦାନ, ସହର ସୌନ୍ଦର୍ଯ୍ୟକରଣ ସହିତ ମହାନଗର ନିଗମର ସର୍ବାଙ୍ଗୀନ ଉନ୍ନତି ଉପରେ ବୈଠକରେ ଆଲୋଚନା ହୋଇଥିଲା ।

***Desk***

## ହକି ଇଣ୍ଡିଆ ଲିଗ୍

ରାଉରକେଲା ବିର୍ସାମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍‌ରେ ଆଜି ରାତି ୮ଟା ୧୫ ମିନିଟ୍‌ରେ ୟୁପି ରୁଦ୍ରସ ଏବଂ ବେଦାନ୍ତ କଳିଙ୍ଗ ଲ୍ୟାନ୍ସର୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ ।

ଗତକାଲି ରାହ ବେଙ୍ଗଲ ଟାଇଗର୍ସ ୩-୨ ଗୋଲ୍‌ରେ ହାଇଦ୍ରାବାଦ ତୋଫାନ୍ସ ପରାସ୍ତ କରିଥିବାବେଳେ ଅନ୍ୟ ଏକ ମ୍ୟାଚ୍‌ରେ ସୁରମା ହକି କ୍ଲବ ୪-୧ ସୁଟ୍‌ଆଉଟ୍‌ରେ ତାମିଲନାଡୁ ଡ୍ରାଗନ୍ସକୁ ହରାଇଥିଲା ।

***Boudh/R***

## ବୌଦ୍ଧ ମହୋତ୍ସବ

ବୌଦ୍ଧ ଜିଲ୍ଲା ମହୋତ୍ସବ ଆସନ୍ତା ୨ ତାରିଖଠାରୁ ଆରମ୍ଭ ହେବ । ଏହାର ପ୍ରଚାର ପ୍ରସାରପାଇଁ ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ବୌଦ୍ଧ

ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ରଥର ଶୁଭାରମ୍ଭ ହୋଇଛି । ଏହି ରଥ ସମଗ୍ର ଜିଲ୍ଲା ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି ।

*****